# NATIONAL NEWS BULLETIN (ODIA)

**23 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଭାରତ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଲେ ପ୍ରଧାନମନ୍ତ୍ରୀ ।

\- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତା ୨୮ ତାରିଖ ଜାତୀୟ ବିଜ୍ଞାନ ଦିବସକୁ ବୈଜ୍ଞାନିକ ଢ଼ଙ୍ଗରେ ପାଳନ କରିବାକୁ ଦେଲେ ପରାମର୍ଶ ।

- ଭାରତ ଓ ଫ୍ରାନ୍ସ ମଧ୍ୟରେ ପ୍ରତିରକ୍ଷା ସହଯୋଗ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆଜିଠାରୁ ୪ ଦିନିଆ ଫ୍ରାନ୍ସ ଗସ୍ତରେ ଗଲେ ସେନାମୁଖ୍ୟ ।
- କେନ୍ଦ୍ର ସରକାର ଓ କୃଷକ ସଂଗଠନଗୁଡ଼ିକ ମଧ୍ୟରେ ଆସନ୍ତାମାସ ୧୯ ତାରିଖରେ ହେବ ପରବର୍ତ୍ତୀ ଆଲୋଚନା - ସୂଚନା ଦେଲେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍‌ସିପ୍ ଟ୍ରଫି କ୍ରିକେଟରେ ଆଉ କିଛି ସମୟ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ହେବ ମୁକାବିଲା ।

---

# ମନ୍ କି ବାତ୍

କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଭାରତ ଦ୍ରୁତ ଅଗ୍ରଗତି କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏ କ୍ଷେତ୍ରରେ ଭାରତ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ନୂତନ ଜ୍ଞାନକୌଶଳକୁ ଆପଣେଇବା ଏବଂ କାର୍ଯ୍ୟକାରୀ କରିବାରେ ଭାରତୀୟ କାହାଠାରୁ ପଛରେ ନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଫ୍ରାନ୍ସଠାରେ ଅନୁଷ୍ଠିତ ଏଆଇ ଶିଖର ସମ୍ମିଳନୀରେ ଭାରତର ଅଗ୍ରଗତିକୁ ବିଶ୍ୱସ୍ତରରେ ପ୍ରଶଂସା କରାଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ତେଲେଙ୍ଗାନାର ଆଦିଲାବାଦସ୍ଥିତ ଏକ ସରକାରୀ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ଉଦାହରଣ ଦେଇଥିଲେ ।

ମହାକାଶ ବିଜ୍ଞାନରେ ନୂତନ ଉଚ୍ଚତାକୁ ସ୍ପର୍ଶ କରିବା ନେଇ ଦେଶବାସୀଙ୍କ ସଂକଳ୍ପ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି । ୧୦ ବର୍ଷ ମଧ୍ୟରେ ଅନ୍ୟ ଦେଶର ସାଟେଲାଇଟ୍‌କୁ ମିଶାଇ ପ୍ରାୟ ୪୬୦ଟି ଉପଗ୍ରହ ଉତ୍କ୍ଷେପଣ କରାଯାଇଛି । ମହାକାଶ କ୍ଷେତ୍ର ଯୁବପିଢ଼ୀଙ୍କୁ ଆକୃଷ୍ଟ କରିପାରିଛି ଏବଂ ଏ କ୍ଷେତ୍ରରେ ଏବେ ଷ୍ଟାଟ୍‌ଅପ୍ ଓ ଘରୋଇ କମ୍ପାନୀ ଗୁଡ଼ିକର ସଂଖ୍ୟା ବୃଦ୍ଧି ପାଇବା ନେଇ ସେ ସନ୍ତୋଷବ୍ୟକ୍ତ କରିଛନ୍ତି ।

**V/O (PM-Space)**

ଆସନ୍ତା ୨୮ ତାରିଖରେ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ବୈଜ୍ଞାନିକ ଢ଼ଙ୍ଗରେ ଏହି ଦିବସକୁ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଗବେଷଣା ପରୀକ୍ଷାଗାର,

ପ୍ଲାନେଟୋରିୟମ କିମ୍ବା ମହାକାଶ କେନ୍ଦ୍ର ପରିଦର୍ଶନ କରିବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି । ସେହିଭଳି ମାର୍ଚ୍ଚ ମାସ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ପ୍ରେରଣାଦାୟୀ ମହିଳାଙ୍କୁ ଗୋଟିଏ ଦିନ ପାଇଁ ପ୍ରଧାନମନ୍ତ୍ରୀଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ବ୍ୟବହାର କରିବାର ସୁଯୋଗ ପ୍ରଦାନ କରାଯିବ ବୋଲି ଶ୍ରୀ ମୋଦୀ ଘୋଷଣା କରିଛନ୍ତି । ଇଚ୍ଛୁକ ମହିଳା ନମୋ ଆପ୍‌ରେ ଗଠିତ ସ୍ୱତନ୍ତ୍ର ଫୋରମ୍ ମାଧ୍ୟମରେ ନିଜର କାର୍ଯ୍ୟ ଏବଂ ଅନୁଭୂତି ନେଇ ସୂଚନା ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ୨୦୨୨ରେ ସମଗ୍ର ବିଶ୍ୱରେ ୨୫୦କୋଟି ଲୋକଙ୍କର ଓଜନ ଅଧିକ ଥିଲା । ଏହି ପରିସଂଖ୍ୟାନ ଆଧାରରେ ପ୍ରଧାନମନ୍ତ୍ରୀ କହିଛନ୍ତି ମୋଟାପଣ ଅନେକ ପ୍ରକାର ସମସ୍ୟା ଏବଂ ରୋଗର କାରଣ ହୋଇଥାଏ । ପ୍ରତି ମାସରେ ୧୦ ପ୍ରତିଶତ ତେଲ କମ୍ ବ୍ୟବହାର କରିବାକୁ  ସେ ପରାମର୍ଶ ଦେଇଛନ୍ତି । ଖାଦ୍ୟ ଅଭ୍ୟାସରେ ଛୋଟ ଛୋଟ ପରିବର୍ତ୍ତନ ଆଣି ଲୋକମାନେ ନିଜକୁ ସୁସ୍ଥ ରଖିପାରିବେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O (PM-Motapa)**

ନିକଟରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍ ଖୋଜିବାରେ ଖେଲୋ ଇଣ୍ଡିଆ ଅଭିଯାନର ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଭିନ୍ନ କ୍ରୀଡ଼ାରେ ଶ୍ରେଷ୍ଠ ପ୍ରତିପାଦନ କରିଥିବା ଖେଳାଳିଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି ।

ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବନ୍ୟାପ୍ରାଣୀ ସଂରକ୍ଷଣ ଏବଂ ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କର ଅବତାରଣା ମଧ୍ୟ କରିଛନ୍ତି । ଆସନ୍ତାମାସ ପ୍ରାରମ୍ଭରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ କରାଯିବ । ବନ୍ୟଜନ୍ତୁ ସୁରକ୍ଷା ସହିତ ସମସ୍ତେ ଜଡିତ ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

କୌଣସି ଚାପରେ ନରହି ସକରାତ୍ମକ ଭାବନା ସହିତ ପରୀକ୍ଷା ଦେବାକୁ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ଚଳିତବର୍ଷ ପରୀକ୍ଷା ପେ ଆଲୋଚନା ଏକ ନୂତନ ଫର୍ମାଟ୍‌ରେ ଅନୁଷ୍ଠିତ ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

**V/O (PM-Exam)**

## ରାଷ୍ଟ୍ରପତି - ଦୟାନନ୍ଦ ସରସ୍ୱତୀ

ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି ସ୍ୱାମୀ ଦୟାନନ୍ଦଙ୍କ ଦ୍ୱାରା ପରିଚାଳିତ ଶିକ୍ଷା ଓ ସମାଜ ସଂସ୍କାର କାର୍ଯ୍ୟକ୍ରମ ସମାଜରେ ସକରାତ୍ମକ ପରିବର୍ତ୍ତନ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଭାରତୀୟ ନବଜାଗରଣର ସ୍ୱାମୀଜୀ ମୁଖ୍ୟ ସ୍ତମ୍ଭ ବୋଲି ରାଷ୍ଟ୍ରପତି ଅଭିହିତ କରିବା ସହ ଦେଶର ପ୍ରାଚୀନ ଗୌରବକୁ ପୁନଃ ପ୍ରତିଷ୍ଠା କରିବା ପାଇଁ ଦୟାନନ୍ଦ ସରସ୍ୱତୀଙ୍କ ଚିନ୍ତାଧାରାରୁ ପ୍ରେରଣା ନେବାଲାଗି ଆହ୍ୱାନ ଦେଇଛନ୍ତି ।

# ଆର୍ମି ଚିଫ୍ ଫ୍ରାନ୍ସ

ଭାରତ ଓ ଫ୍ରାନ୍ସ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟନେଇ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଜିଠାରୁ ୪ ଦିନିଆ ଫ୍ରାନ୍ସ ଗସ୍ତରେ ଯାଇଛନ୍ତି । ଫ୍ରାନ୍ସର ଲେସ୍ ଇନ୍‌ଭାଲିଡେସ୍‌ଠାରେ ଆସନ୍ତାକାଲି ଜେନେରାଲ ଦ୍ୱିବେଦୀ ଫ୍ରାନ୍ସ ସେନାର ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା ବୈଠକରେ ଯୋଗଦେବେ । ସେଠାରେ ପ୍ରଥମେ ଜେନେରାଲ ଦ୍ୱିବେଦୀଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯିବ ଏବଂ ପରେ ଫ୍ରାନ୍ସ ସେନାମୁଖ୍ୟ ଜେନେରାଲ ପିଏରେଙ୍କ ସହ ବିଭିନ୍ନ ସୁରକ୍ଷା ସମ୍ପର୍କିତ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଦୁଇଦେଶ ମଧ୍ୟରେ ସାମରିକ ସମ୍ପର୍କ ବୃଦ୍ଧି କରିବା ଜେନେରାଲ ଦ୍ୱିବେଦୀଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ଜେନେରାଲ ଦ୍ୱିବେଦୀ ପ୍ୟାରିସ୍‌ର ସମ୍ମାନଜନକ ମିଲିଟେରୀ ସ୍କୁଲ ଆଣ୍ଡ୍ ଇନ୍‌ଷ୍ଟିଚ୍ୟୁସନ ଇକୋଲ ମିଲିଟେୟାର ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ସେଠାରେ ଫ୍ରାନ୍ସ ପ୍ରତିପକ୍ଷ ଜେନେରାଲ ଦ୍ୱିଦେବୀଙ୍କୁ ଭବିଷ୍ୟତ ଯୁଦ୍ଧାସ୍ତ୍ର ନେଇ ଅବଗତ କରାଇବେ ।

ଜେନେରାଲ ଦ୍ୱିବେଦୀ ଆସନ୍ତା ମଙ୍ଗଳବାର ଦିନ ମାର୍ସେଲି ଗସ୍ତରେ ଯିବେ । ସେଠାରେ ତାଙ୍କୁ ଫ୍ରାନ୍ସ ସେନାର ମିଶନ ଏବଂ ଭୂମିକା, ଦ୍ୱିପାକ୍ଷିକ ଅଭ୍ୟାସ, ପ୍ରଶିକ୍ଷଣ ସହଯୋଗ ଏବଂ ଫ୍ରାନ୍ସ ସେନାର ଆଧୁନିକୀକରଣ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଫ୍ରାନ୍ସ ସେନା ପକ୍ଷରୁ ସୂଚନା ପ୍ରଦାନ କରାଯିବ । ବୁଧବାର ଦିନ ଜେନେରାଲ ଦ୍ୱିବେଦୀ କାର୍ପିଆଗ୍ନେ ଗସ୍ତ କରି

ସାମରିକ ଅଭ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବେ । ଜେନେରାଲ ଦ୍ୱିବେଦୀ ଆସନ୍ତା ଗୁରୁବାର ଦିନ ନ୍ୟୁଭେ ଚାପଲ ଭାରତୀୟ ଯୁଦ୍ଧ ସ୍ମାରକୀ ପରିଦର୍ଶନ କରି ପ୍ରଥମ ବିଶ୍ୱଯୁଦ୍ଧରେ ଅଂଶଗ୍ରହଣ କରି ସହିଦ ହୋଇଥିବା ଭାରତୀୟ ଜବାନଙ୍କ ସମ୍ମାନରେ ପୁଷ୍ପଗୁଚ୍ଛ ଅର୍ପଣ କରିବେ । ଦ୍ୱିପାକ୍ଷିକ ସାମରିକ ସହଯୋଗର ନୂତନ ମାର୍ଗ ଉନ୍ମୋଚନ କରିବା ଏବଂ ରଣନୈତିକ ଭାଗିଦାରୀତାକୁ ବୃଦ୍ଧି କରିବାରେ ଜେନେରାଲ ଦ୍ୱିବେଦୀଙ୍କ ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି

## ଚଣ୍ଡିଗଡ ଫାର୍ମର୍ସ ମିଟିଂ

କେନ୍ଦ୍ର ସରକାର ଏବଂ କୃଷକ ସଂଗଠନ ଗୁଡ଼ିକ ମଧ୍ୟରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ଆସନ୍ତାମାସ ୧୯ ତାରିଖରେ ଅନୁଷ୍ଠିତ ହେବ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି । ଚଣ୍ଡିଗଡଠାରେ ଆନ୍ଦୋଳନରତ କୃଷକଙ୍କ ସହ ଗତକାଲି ଆଲୋଚନା ପରେ ମନ୍ତ୍ରୀ ଶ୍ରୀ ଚୌହ୍ୱାନ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି କୃଷକ ସଂଗଠନ, କୃଷକ ମଜଦୁର ମୋର୍ଚ୍ଚା ଏବଂ ସଂଯୁକ୍ତ କୃଷକ ମୋର୍ଚ୍ଚା ପ୍ରତିନିଧିଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଆଲୋଚନା ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲ, ପ୍ରହ୍ଲାଦ ଯୋଶୀ ଏବଂ ପଞ୍ଜାବର ଅର୍ଥମନ୍ତ୍ରୀ ହର୍ପାଲ ସିଂହ ଚିମା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଇଣ୍ଡିଆ-ହଣ୍ଡୁରାସ

ସାମୁଦ୍ରିକ ଝଡ଼ 'ସାରା' ପ୍ରଭାବକୁ ଦୃଷ୍ଟିରେ ରଖି ଭାରତ ହଣ୍ଡୁରାସକୁ ୨୬ଟନ୍‌ର ମାନବିକ ସହାୟତା ସାମଗ୍ରୀ ପଠାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି ଏଥିରେ ଚିକିତ୍ସା

ଓ ବିପର୍ଯ୍ୟୟ ରିଲିଫ ସାମଗ୍ରୀ ଆଦି ରହିଛି । ସେଥିମଧ୍ୟରେ ଗ୍ଲୁକୋମିଟର, ଅକ୍ସିମିଟର, ସର୍ଜିକାଲ ସାମଗ୍ରୀ, ସିରିଞ୍ଜି, ଗ୍ଲୋବ୍ସ, ତରଳ ଔଷଧ ସାମଗ୍ରୀ, କମ୍ବଳ ଆଦି ଅନ୍ତର୍ଭୁକ୍ତ ।

## ଆଫଗାନ ରେଡିଓ ଷ୍ଟେସନ

ଆଫଗାନିସ୍ତାନରେ ଏକ ମହିଳା ରେଡ଼ିଓ ଷ୍ଟେସନର ପ୍ରସାରଣ ପୁନଃ ଆରମ୍ଭ ହେବାକୁ ଯାଉଛି । ତାଲିବାନ୍ ସୂଚନା ଓ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଗତକାଲି ଏହି ସୂଚନା ପ୍ରଦାନ କରାଯାଇଛି । ବିନା ଅନୁମତିରେ ଏକ ବିଦେଶୀ ଟିଭି ଚ୍ୟାନେଲ୍ ବିଷୟବସ୍ତୁ ପ୍ରଦାନ କରିବା ଅଭିଯୋଗ ନେଇ ଏହି ମହିଳା ରେଡ଼ିଓ ଷ୍ଟେସନର ପ୍ରସାରଣ ଲାଇସେନ୍ସକୁ ତାଲିବାନ ସରକାର ପ୍ରତ୍ୟାହାର କରିନେଇଥିଲେ । ରେଡ଼ିଓ ବେଗମ୍ ନାମକ ଏହି ଷ୍ଟେସନକୁ ପୁନଃ ଆରମ୍ଭ କରିବାକୁ ବିଭିନ୍ନ କ୍ଷେତ୍ରରୁ ଅନୁରୋଧ ପରେ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି । ଭବିଷ୍ୟତରେ କୌଣସି ପ୍ରକାର ଉଲ୍ଲଙ୍ଘନ ନହେବା ଏବଂ ସାମ୍ବାଦିକତା ନୀତି ପାଳନ କରିବା ଓ ଆଫଗାନିସ୍ତାନର ନିୟମାବଳୀ ଆଧାରରେ କାର୍ଯ୍ୟ କରିବାର ପ୍ରତିଶ୍ରୁତି ମିଳିବା ପରିପ୍ରେକ୍ଷୀରେ ଏହି ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି । ସୂଚନାଯୋଗ୍ୟ ଆଫଗାନିସ୍ତାନରୁ ଆମେରିକା ଓ ନାଟୋ ସୈନ୍ୟ ପ୍ରତ୍ୟାହାର ପରେ ତାଲିବାନ କ୍ଷମତା ଦଖଲ କରିବାର ୫ମାସ ପୂର୍ବରୁ ୨୦୨୧ମାର୍ଚ୍ଚ ମାସରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଏହି ରେଡ଼ିଓ ଷ୍ଟେସନ ରେଡ଼ିଓ ବେଗମ୍ର ଶୁଭାରମ୍ଭ ହୋଇଥିଲା ।

# ଭାରତ-ପାକ୍ କ୍ରିକେଟ୍

ଆଇ.ସି.ସି. ପୁରୁଷ ଚାମ୍ପିୟନ୍‌ସିପ୍ ଟ୍ରଫିରେ ଆଉ କିଛି ସମୟ ପରେ ଗ୍ରୁପ୍-ଏ’ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭାରତ-ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମଠାରେ ଭାରତୀୟ ସମୟ ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ ।

ଚଳିତ ଆଇ.ସି.ସି. ଚାମ୍ପିୟନ୍‌ସିପ୍‌ରେ ରୋହିତ୍ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ୍ ଦଳ ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ୬ ୱିକେଟ୍‌ରେ ହରାଇ ବିଜୟଯାତ୍ରା ଆରମ୍ଭ କରିଛି । ଅନ୍ୟପକ୍ଷରେ ପାକିସ୍ତାନ ନ୍ୟୁଜିଲାଣ୍ଡଠାରୁ ପ୍ରାରମ୍ଭିକ ମ୍ୟାଚ୍‌ରେ ୬୦ ରନ୍‌ରେ ପରାସ୍ତ ହୋଇସାରିଛି । ଆଜିର ମ୍ୟାଚ୍‌ରେ ଭାରତ ବିଜୟ ଲାଭ କଲେ ସେମିଫାଇନାଲ୍‌ରେ ପହଞ୍ଚିବା ଆଶା ଅଧିକ ରହିବ । ଅନ୍ୟପକ୍ଷରେ ଶେଷ ୪ଟି ମ୍ୟାଚ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଆଜିର ମ୍ୟାଚ୍ ପାକିସ୍ତାନପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।